ଶ୍ରୀମତି ସୀମା କୁମାରୀ ଶର୍ମା

ବନାମ

ହିମାଚଳ ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ

ଅକ୍ଟୋବର 23,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ସେବା ଆଇନ*

*ଚୟନ– ଶିକ୍ଷକମାନେ– ଚୟନ ପାଇଁ ମାନଦଣ୍ଡ– ଅନ୍ୟାନ୍ୟ ବିଷୟ ମାଧ୍ୟମରେ ଆଇ.ଆର୍.ଡି.ପି. ପରିବାରର ପ୍ରାର୍ଥୀଙ୍କ ପାଇଁ 10 ଅଙ୍କ ଧାର୍ଯ୍ୟ କରାଯାଇଛି– ଆବେଦନ ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇନାହିଁ– ତେଣୁ ପ୍ରାର୍ଥୀଙ୍କୁ ଅଙ୍କ ପ୍ରଦାନ କରାଗଲା ନାହିଁ– ଦର୍ଶାଯାଇଛି, ଆବେଦନ ସହିତ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳତା ତାଙ୍କୁ 10 ଅଙ୍କ ପ୍ରଦାନ ପାଇଁ ଦାବି କରିବାର ହକରୁ ବଞ୍ଚିତ କରେ ନାହିଁ– ଯେହେତୁ ସେ ପୂର୍ବରୁ ପରୀକ୍ଷା ଦେଇସାରିଛନ୍ତି, ତେଣୁ ତାଙ୍କର ଫଳାଫଳ ଘୋଷଣା କରିବାକୁ ପଡ଼ିବ ଏବଂ ଯଦି ସେ ଚୟନ ହୁଅନ୍ତି, ତେବେ ନିୟମାବଳୀ ଅନୁଯାୟୀ ନିଯୁକ୍ତି ପାଇଁ ତାଙ୍କ ମାମଲାର ବିଚାର କରିବାକୁ ପଡ଼ିବ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 14531-32/1996 ।

ଓ.ଏ. ସଂଖ୍ୟା 619/1995ରେ ସିମଲାସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 25.4.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଶ୍ରୀମତୀ ରାଣୀ ଛାବ୍ରା ।

ଉତ୍ତରଦାତାମାନଙ୍କ ପାଇଁ ଟି.ଏ. ଖାନ ଏବଂ ଟି. ଶ୍ରୀଧରନ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

## ଏସ୍.କେ. ଶର୍ମା ବନାମ ରାଜ୍ୟ

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ସିମଲା ବିଚାରପୀଠଙ୍କ ଓ.ଏ. ସଂଖ୍ୟା 619/95ରେ ଦିଆଯାଇଥିବା ଆଦେଶ ଏବଂ ସମୀକ୍ଷା ଆଦେଶରୁ ଉତ୍ପନ୍ନ ହୁଏ । ସ୍ୱୀକୃତିପ୍ରାପ୍ତ ସ୍ଥିତି ହେଉଛି ଯେ, ଶିକ୍ଷା ନିର୍ଦ୍ଦେଶକ କନିଷ୍ଠ ମୌଳିକ ଶିକ୍ଷକଙ୍କ ତାଲିମ ପାଇଁ ଏକ ବିଜ୍ଞପ୍ତି ଜାରି କରିଥିଲେ । ମାଟ୍ରିକ କିମ୍ବା ସମକକ୍ଷ ପରୀକ୍ଷାରେ ପ୍ରାପ୍ତ ଅଙ୍କର ପ୍ରତିଶତ ଉପରେ ଆଧାର କରି ଚୟନ ପାଇଁ 100 ଅଙ୍କ ମାନଦଣ୍ଡ ଥିଲା । ଗ୍ରାମାଞ୍ଚଳର ପ୍ରାର୍ଥୀଙ୍କ ପାଇଁ 20 ଅଙ୍କ ଏବଂ ପଛୁଆ ପଞ୍ଚାୟତର ପ୍ରାର୍ଥୀଙ୍କ ପାଇଁ 10 ଅଙ୍କ ଦିଆଯାଇଥିଲା । ସେହିଭଳି, ଆଇ.ଆର୍.ଡି.ପି. ପରିବାରର ପ୍ରାର୍ଥୀଙ୍କ ପାଇଁ 10 ଅଙ୍କ ଦିଆଯାଇଥିଲା । ଯଦିଓ ଅପିଲକାରୀ ଆଇ.ଆର୍.ଡି.ପି ପରିବାରର ବୋଲି ଦାବି କରିଥିଲେ, କର୍ତ୍ତୃପକ୍ଷ ତାଙ୍କ ଦାବିକୁ ବିଚାର କରିନାହାଁନ୍ତି ଏବଂ ଫଳସ୍ୱରୂପ ମାନଦଣ୍ଡ ଅନୁଯାୟୀ ଆବଶ୍ୟକ 10 ଅଙ୍କ ପ୍ରଦାନ କଲେ ନାହିଁ । ଯେତେବେଳେ ଅପିଲକାରୀ ରିଟ ଆବେଦନ ଦାଖଲ କରିଥିଲେ, ଉଚ୍ଚ ନ୍ୟାୟଳୟ ତାହାକୁ ଖାରଜ କରିଦେଇଥିଲେ ଏହା ଦର୍ଶାଇ ଯେ, ଅପିଲକାରୀ ଆବେଦନ ସହିତ ପ୍ରମାଣପତ୍ର ଉପସ୍ଥାପନ କରି ନଥିଲେ ଏବଂ ତେଣୁ, ସେ ଉପରୋକ୍ତ ସ୍ଥିତି ପାଇଁ ହକଦାର ନୁହଁନ୍ତି । ଯେତେବେଳେ ଆମେ ଅପିଲକାରୀଙ୍କୁ ନଥି ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଲୁ, ସେ ପ୍ରମାଣପତ୍ରକୁ ନଥିର ଏକ ଅଂଶ କରିଦେଲେ । ଦୁର୍ଭାଗ୍ୟବଶତଃ, ଏଥିରେ ଜାରିହେବା ତାରିଖ ନାହିଁ; କିନ୍ତୁ ଆମେ ଜାଣିବାକୁ ପାଇଲୁ ଯେ, ତାଙ୍କୁ ଆଇ.ଆର୍.ଡି.ପି. ପରିବାରର କ୍ରମିକ ସଂଖ୍ୟା ଦିଆଯାଇଛି । ତଥ୍ୟର ଦୃଷ୍ଟିକୋଣରୁ, କ୍ରମରେ ସମସ୍ତ ପ୍ରାର୍ଥୀଙ୍କ ପାଇଁ କ୍ରମିକ ସଂଖ୍ୟା ଉଲ୍ଲେଖ କରାଯାଇଥିବାରୁ, ଆମର ମତ ହେଉଛି ଯେ, ଆବେଦନ ସହିତ ପ୍ରମାଣପତ୍ର ପ୍ରଦାନ କରିବାରେ ତାଙ୍କର ବିଫଳତା ତାଙ୍କୁ 10 ଅଙ୍କ ପ୍ରଦାନ ପାଇଁ ମାନ୍ୟତା ଦାବି କରିବାର ଅଧିକାରରୁ ବଞ୍ଚିତ କରେ ନାହିଁ । ଏହି ନ୍ୟାୟଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ, ଅପିଲକାରୀ ପୂର୍ବରୁ ଆୟୋଜିତ ପରୀକ୍ଷା ପାଇଁ ହାଜର ହୋଇସାରିଛନ୍ତି କିନ୍ତୁ ତାଙ୍କ ଫଳାଫଳ ଘୋଷଣା କରାଯାଇ ନାହିଁ ।

ତେଣୁ, ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି; ନ୍ୟାୟାଧିକରଣଙ୍କ ଆଦେଶକୁ ବାତିଲ କରି ଦିଆଯାଇଛି । ଫଳାଫଳ ଘୋଷଣା କରିବା ପାଇଁ ଏକ ନିର୍ଦ୍ଦେଶ ରହିବ ଏବଂ ଯଦି ତାଙ୍କୁ ଚୟନ କରାଯାଏ, ତେବେ ନିଯୁକ୍ତି ପାଇଁ ତାଙ୍କ ମାମଲାକୁ ନିୟମାବଳୀ ଅନୁଯାୟୀ ବିଚାର କରାଯିବ । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲଗୁଡ଼ିକୁ ଅନୁମତି କରାଗଲା ।

## <u>ଅସ୍ୱୀକରଣ:</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>ଅନୁବାଦକ</u>

ଯୋଗେଶ୍ୱର ହୋତା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।